

ପୁରୀ ଲୋକସଭା : ଏଥର ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା

ପୁରୀ,୧୪।୪(ନି.ପ୍ର): ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ସୁଚରିତା ମହାନ୍ତିଙ୍କୁ ପୁଣିଥରେ ପ୍ରାର୍ଥୀ କରିଛି ଭାରତୀୟ ଜାତୀୟ କଂଗ୍ରେସ। ଶନିବାର ରାତିରେ ଦଳ ପକ୍ଷରୁ ତାଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ସେ ପୁରୀର ପୂର୍ବତନ ଲୋକସଭା ସଦସ୍ୟ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ବ୍ରଜ ମୋହନ ମହାନ୍ତିଙ୍କ କନ୍ୟା। ଏହାପୂର୍ବରୁ ୨୦୧୪ ନିର୍ବାଚନରେ ସୁଚରିତା ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ। ତାଙ୍କୁ ୨ ଲକ୍ଷ ୫୯ ହଜାର ୮୦୦ ଭୋଟ ମିଳିଥିଲା। ବିଜେଡି ପ୍ରାର୍ଥୀ ପିନାକୀ ମିଶ୍ରଙ୍କୁ ସେ କଡ଼ା ଟକ୍କର ଦେଇଥିଲେ। ସେତେବେଳେ ବିଜେପି ଅଶୋକ କୁମାର ସାହୁଙ୍କୁ ପ୍ରାର୍ଥୀ କରିଥିଲା। ୨ ଲକ୍ଷ ୬୩ ହଜାର ୩୬୧ ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ପିନାକୀ ନିର୍ବାଚନ ଜିତିଥିଲେ। ୨୦୧୯ ନିର୍ବାଚନରେ କଂଗ୍ରେସ ଦଳ ସୁଚରିତାଙ୍କ ପରିବର୍ତ୍ତେ ସାମ୍ବାଦିକ ସତ୍ୟପ୍ରକାଶ ନାୟକଙ୍କୁ ପ୍ରାର୍ଥୀ କରିଥିଲା। ସେ ୪୪, ୭୩୪ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଆଗାମୀ ନିର୍ବାଚନ ପାଇଁ ମୁମ୍ବଇର ପୂର୍ବତନ ପୁଲିସ ଆୟୁକ୍ତ ଅରୂପ ପଟ୍ଟନାୟକଙ୍କୁ ବିଜୁ ଜନତା ଦଳ ପ୍ରାର୍ଥୀ କରିଛି। ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଡାକ୍ତର ସମ୍ବିତ ପାତ୍ର ଏଥର ପୁଣିଥରେ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି। କଂଗ୍ରେସ ସୁଚରିତାଙ୍କୁ ପ୍ରାର୍ଥୀ କରିଥିବାରୁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ଏକ ପ୍ରକାର ନିଶ୍ଚିତ ହୋଇ ଯାଇଛି। ଅନ୍ୟ କୌଣସି ରାଜନୈତିକ ଦଳ ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରି ନାହାନ୍ତି। ତେଣୁ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ଏଥର ବେଶ୍ ରୋଚକ ହେବା ସମ୍ଭାବନା ରହିଛି।

ପର୍ବ ପାଳନ ଅବସରରେ ରାଜନୀତି

ରାଉରକେଲା, ୧୪।୪(କାର୍ଯ୍ୟାଳୟ): ନିର୍ବାଚନ ଯେତିକି ପାଖେଇ ଆସୁଛି, ପ୍ରଚାର ମଇଦାନ ସେତିକି ଜମୁଛି । ଦଳୀୟ ଟିକଟ ଘୋଷଣା ହୋଇ ନ ଥିଲେ ହେଁ କିଛି ନେତା ଆଗୁଆ ଭୋଟରଙ୍କ ନିକଟରେ ପହଞ୍ଚି ନିଜ ସପକ୍ଷରେ ଜନମତ ସୃଷ୍ଟି କରିବା ପାଇଁ ଜୋରସୋର ପ୍ରୟାସ ଆରମ୍ଭ କରିଛନ୍ତି । ନେତାମାନେ ଏବେ କିଛିଦିନ ହେଲା ବିଭିନ୍ନ ଧାର୍ମିକ ଅନୁଷ୍ଠାନକୁ ପ୍ରଚାରର କେନ୍ଦ୍ରସ୍ଥଳ ରୂପେ ବାଛି ନେଇଥିବା ଦେଖିବାକୁ ମିଳୁଛି। ପର୍ବ ପାଳନ ଜରିଆରେ ଲୋକ ସଂପର୍କ ବୃଦ୍ଧି ପାଇଁ ଚେଷ୍ଟା କରାଯାଉଛି। ଇଦ୍ ବେଳେ ମୁସଲିମ୍ ସମ୍ପ୍ରଦାୟକୁ ମନାଇବାକୁ ଚେଷ୍ଟା କରାଯାଇଥିବାବେଳେ କିଛି ନେତା ଗୁରୁଦ୍ୱାର ଯାଇ ଶିଖ୍ ସମ୍ପ୍ରଦାୟଙ୍କୁ ଭେଟୁଛନ୍ତି। ସେହିପରି କିଛି ନେତା ଚର୍ଚ୍ଚକୁ ଯାଇ ଖ୍ରୀଷ୍ଟିଆନ ସମ୍ପ୍ରଦାୟକୁ ନିଜ ଆଡ଼କୁ ଟାଣିବା ପାଇଁ ଉଦ୍ୟମ ଆରମ୍ଭ କରିସାରିଛନ୍ତି । ଏଭଳି ସମୟରେ ଆଜି ପବିତ୍ର ମହାବିଷୁବ ସଂକ୍ରାନ୍ତି, ମହାବୀର ଜୟନ୍ତୀ, ପଣା ସଂକ୍ରାନ୍ତି ଓ ଓଡ଼ିଆ ନୂଆବର୍ଷ ଭଳି ଅବସର ନେତାଙ୍କୁ ପ୍ରଚାର କରିବା ପାଇଁ ବେଶ ଖୋରାକ୍ ଯୋଗାଇଛି । ଟିକଟ ପାଇଥିବା ନେତା, ଆଶାୟୀ ଓ ଅସନ୍ତୁଷ୍ଟ ନିଜ ନିଜ ସମର୍ଥକଙ୍କ ଗହଣରେ ବିଭିନ୍ନ ମନ୍ଦିରରେ ପହଞ୍ଚି ଭକ୍ତଙ୍କ ଗହଣରେ ସମୟ ବିତାଇ ନିଜ ସପକ୍ଷରେ ପ୍ରଚାର କରିଥିବା ଦେଖିବାକୁ ମିଳିଛି। ଯଦିଓ କେହି ଭୋଟ ଦେବା ପାଇଁ ଅନୁରୋଧ କରି ନ ଥିଲେ ତଥାପି ନେତାଙ୍କ ମୁହଁରୁ ଭୋଟ ଭିକ୍ଷା ସମ୍ପୂର୍ଣ୍ଣ ବାରି ହୋଇପଡୁଥିଲା । ଆଜି ବିଭିନ୍ନ ସାମାଜିକ ସଙ୍ଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ପଣା ବଣ୍ଟନ କରାଯାଇଥିବାବେଳେ ଏଭଳି ପଣା ବଣ୍ଟନ ସ୍ଥଳରେ ମଧ୍ୟ ନେତାଙ୍କ ସମାଗମ ଦେଖିବାକୁ ମିଳିଛି। ଧର୍ମ ଏବଂ ପର୍ବ ପାଳନକୁ ନେଇ ରାଜନୀତି ଉପରେ ନାନା ତର୍କବିତର୍କ ହୋଇ ଆସୁଥିବାବେଳେ ସାମ୍ପ୍ରତିକ ରାଜନୈତିକ ପାଣିପାଗକୁ ଦେଖିଲେ ଧର୍ମ ହିଁ ରାଜନୀତିର ମୂଳ ଆଧାର ବୋଲି ସମୀକ୍ଷକମାନେ ଚର୍ଚ୍ଚା କରୁଛନ୍ତି ।

ଯଶିପୁର ଓ କରଞ୍ଜିଆ ନିର୍ବାଚନ ମଣ୍ଡଳୀ

ବାଥୁଡି ସମ୍ପ୍ରଦାୟରୁ ପ୍ରାର୍ଥୀ ଦେବାକୁ ପଡୁଛି ଚାପ

କରଞ୍ଜିଆ,୧୪।୪(ନି.ପ୍ର): ମୟୂରଭଞ୍ଜ ଲୋକସଭା କ୍ଷେତ୍ର ଅନ୍ତର୍ଗତ ୨୬ ଯଶିପୁର(ସଂ) ଓ କେନ୍ଦୁଝର ଲୋକସଭା କ୍ଷେତ୍ର ଅନ୍ତର୍ଗତ ୩୦ କରଞ୍ଜିଆ(ସଂ) ବିଧାନସଭା ନିର୍ବାଚନ ମଣ୍ଡଳୀରେ ବାଥୁଡି ସଂମ୍ପ୍ରଦାୟର ଯେ କୌଣସି ବ୍ୟକ୍ତିଙ୍କୁ ପ୍ରାର୍ଥୀ ନ କରି କ୍ରମାଗତ ଅବହେଳା କରାଯାଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୨୦୧୯ ନିର୍ବାଚନରେ ମଧ ଏହି ସମ୍ପ୍ରଦାୟକୁ ଉପେକ୍ଷା କରାଯାଇଥିଲା। ଏହାକୁ ନେଇ ଯଶିପୁର ନିର୍ବାଚନ ମଣ୍ଡଳୀରେ ଅସନ୍ତୋଷ ବଢ଼ିଲାଣି। ବିଜେଡିର ଆଶାୟୀ ପ୍ରାର୍ଥୀ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍‌ଙ୍କ ପାଇଁ ପ୍ରାକ୍ତନ ବିଧାୟକ ବିଜୟ ଏବଂ କର୍ମୀମହଲ କଣ୍ଟା ସାଜିଥିବାବେଳେ ଅନ୍ୟତମ ଆଶାୟୀ ଯୁବନେତା କୈବଲ୍ୟ ନାଏକଙ୍କ ପାଇଁ ରାଜ୍ୟ ବାଥୁଡି ସାଂସ୍କୃତିକ ସମାଜ ଅଣ୍ଟା ଭିଡ଼ିଲେଣି। ରାଜ୍ୟ ବାଥୁଡି ସାଂସ୍କୃତିକ ପରିଷଦ ସାଧାରଣ ସମ୍ପାଦକ ତଥା ପ୍ରାକ୍ତନ ଜିଲା ପରିଷଦ ସଭ୍ୟ କୈବଲ୍ୟଙ୍କୁ ପ୍ରାର୍ଥୀ କରାଯିବା ପାଇଁ ପରିଷଦର ରାଜ୍ୟ ସଭାପତି ଦାଶରଥି ନାଏକ, ଉପଦେଷ୍ଟା ଦୟାନିଧି ନାଏକ, ଉପସଭାପତି ବାବୁଲା ନାଏକ, କାର୍ଯ୍ୟକାରୀ ସଦସ୍ୟ ଭାଗବତ ନାଏକଙ୍କ ସମେତ ପୂରା ପରିଷଦ ପ୍ରମୁଖ ଦାବି କରିଛି । କରଞ୍ଜିଆ ବାଥୁଡି ସମାଜର ଶତକଡା ୪୧ ପ୍ରତିଶତ ମତଦାତା ରହିଛନ୍ତି। ସେମାନେ ଏଠାକାର ଭୋଟ ଗଣିତକୁ ପ୍ରଭାବିତ କରିବା ଆଶଙ୍କା ରହିଛି। କୈବଲ୍ୟଙ୍କ କହିଛନ୍ତି ଯେ, ଯଶିପୁର ବିଧାନସଭା ଆସନରେ ଏଥର ବାଥୁଡି ସମାଜରୁ ପ୍ରାର୍ଥୀ ଦିଆ ଯାଉ ନଥିବାରୁ ପରିଷଦ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଅଠର ଦେଉଳରେ ପୂଜା ସମୟରେ ଏକ ବୈଠକରେ ପରିଷଦର କାର୍ଯ୍ୟକର୍ତ୍ତାଗଣ ଏହି ସମ୍ପ୍ରଦାୟରୁ ପ୍ରାର୍ଥୀ ଘୋଷଣା ନେଇ ଦାବି କରିଥିଲା। ପାହାଡ଼ମୋଡ଼କ, କେନ୍ଦୁଝର ଜିଲାର ଗୋହିରା, ଗୋଳାବନ୍ଧ, ହଡଗଡର ମଇରା, ରାଇଘାଟି ଏବଂ ବାଙ୍ଗିରିପୋଷିର କଣ୍ଡାପାଳ ଗ୍ରାମରେ ସମ୍ପ୍ରଦାୟ ପକ୍ଷରୁ ଘନ ଘନ ବୈଠକ କରି ବାଥୁଡି ସମ୍ପ୍ରଦାୟଙ୍କୁ ମେଳି କରାଯାଉଛି। ବାଥୁଡି ସମ୍ପ୍ରଦାୟ ବ୍ୟତୀତ ଅନ୍ୟ ସମ୍ପ୍ରଦାୟର ପ୍ରାର୍ଥୀଙ୍କୁ ଟିକେଟ ମିଳିଲେ ପରିଷଦ ମତଦାନ ନେଇ ପୁନର୍ବିଚାର କରିବ ବୋଲି ଚେତାବନୀ ଦିଆଯାଇଛି।

ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନେଇ ଚିତ୍ରକୋଣ୍ଡା ବିଜେପିରେ ଅସନ୍ତୋଷ

ଭୁବନେଶ୍ୱର,୧୪।୪(ନି.ପ୍ର): ମାଲକାନଗିରି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ କିଏ ହେବେ ତାହା ଏପର୍ଯ୍ୟନ୍ତ ଦଳ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା ହୋଇନାହିଁ। ତେବେ ଭଡ଼ାଟିଆଙ୍କୁ ନିର୍ବାଚନମଣ୍ଡଳୀରେ ପୂରାଇ ଦିଆଯିବ ନାହିଁ ଦର୍ଶାଇ ଚିତ୍ରକୋଣ୍ଡା ଅଞ୍ଚଳର ଶତାଧିକ ବିଜେପି କର୍ମୀ ଓ ନେତା ବିଜେପି

ରାଜ୍ୟ କାର୍ଯ୍ୟାଳୟରେ ଅସନ୍ତୋଷ ପ୍ରକଟ କରିଛନ୍ତି। ବିଜେପି ନେତା ମନୋଜ ପାଢ଼ୀଙ୍କ କହିବାନୁଯାୟୀ, ଡମ୍ବରୁ ଶିଶାଙ୍କୁ ସେଠାରୁ ବିଜେପିରୁ ପ୍ରାର୍ଥୀ କରାଯିବ ବୋଲି ବିଭିନ୍ନ ସୂତ୍ରରୁ ଶୁଣିବାକୁ ମିଳୁଛି। ଏପରିକି ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ଡମ୍ବରୁ କୁଆଡ଼େ ବିପୁଳ ପରିମାଣର ଅର୍ଥ ଦେଇ ଟିକଟ ଆଣିବେ ବୋଲି ଚିତ୍ରକୋଣ୍ଡା ଅଞ୍ଚଳରେ ଏକ 'ଅଡିଓ' ପ୍ରଘଟ ହେଉଛି। ଏହି ଅପପ୍ରଚାରକୁ ନେଇ ସ୍ଥାନୀୟ ବିଜେପି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ଏହି ସଂଶୟ ଦୂର ଲାଗି ରାଜ୍ୟ ସଭାପତିଙ୍କୁ ଭେଟିବାକୁ ରାଜ୍ୟ କାର୍ଯ୍ୟାଳୟକୁ ଆସିଛୁ। ଯଦି ଡମ୍ବରୁଙ୍କୁ ସେଠାରେ ପ୍ରାର୍ଥିତ୍ୱ କରାଯାଏ ତେବେ ସବୁ ବିଜେପି କର୍ମୀ ଏହାକୁ ବିରୋଧ କରିବୁ।

କଂଗ୍ରେସ ଲୋକସଭା ପ୍ରାର୍ଥୀଙ୍କୁ ଦଳୀୟ ନେତାଙ୍କ ବିରୋଧ

କେନ୍ଦୁଝରଗଡ଼,୧୪।୪(ନି.ପ୍ର): କେନ୍ଦୁଝର ଲୋକସଭା ଆସନ ପାଇଁ ଗତକାଲି ୨୦୧୯ ନିର୍ବାଚନର ପ୍ରାର୍ଥୀ ମୋହନ ହେମ୍ବ୍ରମ୍‌ଙ୍କ ନାମ କଂଗ୍ରେସ ଘୋଷଣା କରାଯାଇଥିଲା। ତେବେ ଏହି ନାମ ଘୋଷଣା ପରେ ଜିଲା କଂଗ୍ରେସ ସଭାପତି ମୋହନ ପରିଡ଼ାଙ୍କ ସମେତ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସଙ୍କ ସମେତ ଜିଲାର ବହୁ ବରିଷ୍ଠ ନେତା ନିଜ ନିଜ ପଦରୁ ସୋମବାର ଇସ୍ତଫା ଦେବେ ବୋଲି ଜିଲା ସଭାପତି ଶ୍ରୀ ପରିଡ଼ା କହିଛନ୍ତି। ସୂଚନାଯୋଗ୍ୟ ଯେ କେନ୍ଦୁଝରେ ଲୋକସଭା ପ୍ରାର୍ଥୀ ନିମନ୍ତେ ଦଳ ପକ୍ଷରୁ ଦେବେନ୍ଦ୍ର ନାଥ ନାଏକ, ଇଂ ବିନୋଦ ବିହାରୀ ନାଏକ ଓ ପ୍ରବୀଣା ଦଣ୍ଡପାଟଙ୍କ ନାମକୁ ସୁପାରିସ୍ କରାଯାଇଥିଲା। ତେବେ ଗତ ଥର ନିର୍ବାଚନ ହାରିବା ପରେ ଶ୍ରୀ ହେମ୍ବ୍ରମ୍ ଜିଲାରେ ଦଳର ସଙ୍ଗଠନ କିମ୍ବା ନେତାଙ୍କ ସହ କୌଣସି ସମ୍ପୃକ୍ତି ନ ଥିବା ସତ୍ତ୍ୱେ ପୁଣିଥରେ ତାଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ଏହାକୁ ବିରୋଧ କରି ଆସନ୍ତାକାଲି ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନିଜ ନିଜ ପଦରୁ ଇସ୍ତଫା ଦେବେ ବୋଲି ଶ୍ରୀ ପରିଡ଼ା କହିଛନ୍ତି।

ଟିକଟ ମିଳିବ ନା କଟିବ ?

ବିଜେଡି ସୁପ୍ରିମୋଙ୍କ ନିଷ୍ପତ୍ତି ଉପରେ ବରିଷ୍ଠ ନେତାଙ୍କ ନଜର

ଭୁବନେଶ୍ୱର,୧୪।୪(ଭୁ.ପ୍ର): ବିଜେଡିରେ କ'ଣ ହେବ ବରିଷ୍ଠ ନେତାଙ୍କ ଭାଗ୍ୟ। ୨୧ଟି ଯାକ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ସରିଲାଣି। ମୋଟ ୧୪୭ରୁ ୧୧୭ ବିଧାନସଭା ଆସନରେ ଦଳ ପ୍ରାର୍ଥୀ ଦେଇସାରିଛି। ତଥାପି ୩୦ ଆସନରେ ଝୁଲୁଛି ଆଶାୟୀଙ୍କ ଭାଗ୍ୟ। ଏମାନଙ୍କ ମଧ୍ୟରେ ବିଧାନସଭାକୁ ବହୁବାର ନିର୍ବାଚିତ ହୋଇଥିବା ବିଜେଡିର ବରିଷ୍ଠ ନେତା ରହିଛନ୍ତି। ଏକାଧିକ ଆଶାୟୀ ବରିଷ୍ଠ ନେତାଙ୍କ ରାସ୍ତାରେ କଣ୍ଟା ସାଜିଛନ୍ତି। ସେମାନଙ୍କୁ ଏଥର ପୁଣି ଟିକଟ ମିଳିବ ନା ଦଳ ନୂଆମୁହଁଙ୍କୁ ପ୍ରାର୍ଥୀ କରିବ; ସେନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି।

ସୂଚନା ଅନୁଯାୟୀ, ବଡ଼ଚଣା ବିଧାନସଭା ଆସନରେ ବିଜେଡି ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନି। ଏହି ଆସନରେ ବିଜେଡିରୁ ବାରମ୍ବାର ନିର୍ବାଚିତ ହୋଇ ଆସୁଛନ୍ତି ଅମର ପ୍ରସାଦ ଶତପଥୀ। ଗତ ନିର୍ବାଚନରେ ଅଳ୍ପ ବ୍ୟବଧାନରେ ସେ ବିଜୟୀ ହୋଇଥିଲେ। ଏଥର ଏହି ଆସନରେ ଦଳ କାହା ଉପରେ ଭରସା କରିବ; ତାହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ସେହିପରି ବିଜେଡିର ଆଉଜଣେ ବରିଷ୍ଠ ନେତା ହେଲେ ଶଶିଭୂଷଣ ବେହେରା। ୨୦୧୯ରେ କେନ୍ଦ୍ରାପଡ଼ା ବିଧାନସଭା ଆସନରୁ ସେ ଜିତିଥିଲେ। ଭୁବନେଶ୍ୱର ଜୟଦେବ ବଦଳରେ ତାଙ୍କୁ ଏହି ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିଥିଲା ବିଜେଡି। ଏଥର ଜୟଦେବରେ ବିଜେଡି ପ୍ରାର୍ଥୀ ଘୋଷଣା କରିସାରିଛି, ହେଲେ କେନ୍ଦ୍ରାପଡ଼ାରେ ଝୁଲୁଛି। ନିକଟରେ ଗଣେଶ୍ୱର ବେହେରା କଂଗ୍ରେସ ଛାଡ଼ି ବିଜେଡିରେ ମିଶିଛନ୍ତି। ଦଳ ଏଥର କାହାକୁ ମଇଦାନକୁ ଓହ୍ଲାଇବ, ସେନେଇ ଦ୍ୱନ୍ଦ୍ୱ ଜାରି ରହିଛି। ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିଲେ ସୁଦ୍ଧା ଏଯାଏଁ ବିଜେଡି ଜୟପୁର ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିନି। ବିଜେଡିର ବରିଷ୍ଠ ନେତା ରବି ନନ୍ଦ ଟିକଟ ଅପେକ୍ଷାରେ ରହିଛନ୍ତି। ରବି ୨୦୧୪ ଓ ୨୦୧୯ରେ ବିଜେଡିରୁ ଟିକଟ ପାଇ କଂଗ୍ରେସର ତାରା ପ୍ରସାଦ ବାହନୀପତିଙ୍କ ଠାରୁ ହାରିଯାଇଥିଲେ। ତାଙ୍କୁ ଏଥର ଟିକଟ ମିଳିବ କି ନାହିଁ ସେ ଦ୍ୱନ୍ଦ୍ୱରେ ଅଛନ୍ତି। ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହଙ୍କୁ ମଧ୍ୟ ଏଯାଏ ମିଳିନି ଟିକଟ। ସେ ଅନୁଗୋଳ ବିଧାନସଭା ଆସନରୁ ଲଗାତାର ଜିତିଆସୁଛନ୍ତି। ସେହିଭଳି ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ଟିକଟକୁ ନେଇ ଆଶା-ଆଶଙ୍କାରେ ଅଛନ୍ତି। ରଘୁନନ୍ଦନ ୨୦୧୯ରେ ବିଜେଡିରୁ ବିଧାୟକ ହୋଇଥିଲେ। ଜଗତସିଂହପୁର ଜିଲାରେ ଅନ୍ୟ ବିଧାନସଭା ଆସନଗୁଡ଼ିକରେ ପ୍ରାର୍ଥୀ ଘୋଷଣା ସରିଥିଲେ ବି ବାଲିକୁଦା-ଏରସମା ଆସନ ଝୁଲି ରହିଛି। ନିକଟରେ କଂଗ୍ରେସ ଛାଡ଼ି ବିଜେଡିରେ ମିଶିଛନ୍ତି ଚିରଞ୍ଜୀବ ବିଶ୍ୱାଳ। ତେଣୁ ଦଳ ଏହି ଆସନରେ କାହାକୁ ମଇଦାନକୁ ଓହ୍ଲାଇବ, ତାହା ଦେଖିବାକୁ ସମସ୍ତଙ୍କର ଅପେକ୍ଷା ରହିଛି।

ରାଜନୈତିକ ବିଶ୍ଳେଷକଙ୍କ ମତରେ, ଟିକଟ ଘୋଷଣା ହୋଇନଥିବା ଆସନରେ ବିଜେଡି କିଛି ବିକଳ୍ପ ଚିନ୍ତା କରୁଥାଇପାରେ। ଉକ୍ତ ଆସନଗୁଡ଼ିକରେ କାହାକୁ ପ୍ରାର୍ଥୀ କଲେ ଜିତିବା ସମ୍ଭାବନା ଅଧିକ ରହିବ, ସେ ଦିଗରେ ଦଳ ବିଚାର କରି ନିଷ୍ପତ୍ତି ନେବ।

ଆମ ସମୟର ରାଜନୀତି

ସାଇକଲରେ ବୁଲି ପ୍ରଚାର କରୁଥିଲି

୧୯୭୪ରେ ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ସାମିଲ ହୋଇ ବିଭିନ୍ନ କାରାଗାରରେ ୧୮ ମାସ କାରାବରଣ କରିଥିଲି। ୧୯୭୭ରେ କାମାଖ୍ୟାନଗର ଆସନ ପାଇଁ ଜନତା ପାର୍ଟିରୁ ମୋ ସମେତ ୮ ଜଣ ଟିକଟ ଆବେଦନ କରିଥିଲେ। ମୋତେ ଟିକଟ ମିଳିଲା, ସବୁ ଆଡେ ଉତ୍ସାହ ଖେଳିଗଲା। ଯୁବସମାଜ ମୋ ପାଇଁ ଆଗକୁ ବାହାରି ଆସିଲେ। ସେତେବେଳେ ଗାଡିମଟରର ସୁବିଧା ନଥିଲା। ଭଡାରେ ଗାଡି ମିଳିବା କଷ୍ଟକର ଥିଲା। ମୁଁ ସାଇକଲରେ ଗାଁକୁ ଗାଁ ବୁଲି ପ୍ରଚାର କରୁଥିଲି। ଯେଉଁ ଗାଁକୁ ଯାଏ ସେଇଠି ଲୋକଙ୍କ ଘରେ ଖାଏ, ଗାଁରେ ରାତି ବିତାଏ। ଲୋକଙ୍କ ଘର ମୋ ଘର ହୋଇଯାଇଥିଲା। ସେଇଠୁ ସକାଳେ ଲୋକଙ୍କ ସହ ଆଳାପ ଆଲୋଚନା କରି ଅନ୍ୟ ଗାଁକୁ ସାଇକଲ ଧରି ବାହାରିପଡ଼େ। ସେତେବେଳେ ମୋର ସମୁଦାୟ ପ୍ରଚାର ଓ ବୁଥ ଖର୍ଚ୍ଚ ବାବଦରେ ୩୭ ହଜାର ଟଙ୍କା ବ୍ୟୟ ହୋଇଥିଲା

ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକ

ବୋଲି ଓଡ଼ିଶାର ପ୍ରଥମ ବିଜେପି ବିଧାୟକ ପ୍ରସନ୍ନ ପଟ୍ଟନାୟକ ସେତେବେଳର ଅନୁଭୂତି ବ୍ୟକ୍ତ କରିଛନ୍ତି। ପ୍ରାର୍ଥୀଙ୍କଠାରୁ ଲୋକେ ଟଙ୍କା ପଇସା ଆଶା ରଖୁ ନଥିଲେ। ମୋଟାମୋଟି ଭୋଟ କିଣାବିକା ନଥିଲା। ଆରୋପ ପ୍ରତ୍ୟାରୋପ ବିଚାରକୁ ନେଇ ହେଉଥିଲା। ମୁଁ ପ୍ରତି ପଞ୍ଚାୟତରେ ଉଚ୍ଚ ବିଦ୍ୟାଳୟ, ମାଇନର ସ୍କୁଲ ଆଦି ୪୨ଟି ପ୍ରତିଷ୍ଠା କରିଥିଲି। ଅନେକ ଜାଗାରେ ମହାବିଦ୍ୟାଳୟ ଖୋଲି ମାଧ୍ୟମିକ ଓ ଉଚ୍ଚଶିକ୍ଷାର ସୁବିଧା କରାଇଥିଲି। ଶିକ୍ଷାନୁଷ୍ଠାନ ଓ ଶିକ୍ଷକଙ୍କଦ୍ୱାରା ଲୋକସମ୍ପର୍କ ରକ୍ଷା କରୁଥିଲି ବୋଲି କହିଛନ୍ତି ପ୍ରସନ୍ନବାବୁ। ପ୍ରସନ୍ନବାବୁ ୧୯୭୭ରେ ଜନତା ପାର୍ଟି ବିଧାୟକ ହୋଇଥିଲେ। ୧୯୮୫ରେ ବିଜେପି ପ୍ରାର୍ଥୀ ହୋଇ ସାରା ରାଜ୍ୟରେ ଏକମାତ୍ର ପ୍ରାର୍ଥୀ ଭାବେ ବିଜୟ ହାସଲ କରି ରାଜ୍ୟରେ ବିଜେପି ଖାତା ଖୋଲିଥିଲେ। ୧୯୯୦ରେ ଜନତା ଦଳ ଟିକଟରେ ପୁଣି ଥରେ କାମାଖ୍ୟାନଗର ଆସନରୁ ବିଜୟୀ ହୋଇଥିଲେ।

(ଢେଙ୍କାନାଳ ସଦର,ନି.ପ୍ର)

ନବୀନ ନିବାସରେ କଟକ କସରତ

ଭୁବନେଶ୍ୱର,୧୪।୪(ଭୁ.ପ୍ର): ନବୀନ ନିବାସରେ କଟକ-ବାରବାଟୀ ବିଧାନସଭା ଆସନକୁ ନେଇ କସରତ ଦେଖିବାକୁ ମିଳିଛି। ୧୫ କର୍ପୋରେଟରଙ୍କ ସହ ଆଶୀର୍ବାଦ ବେହେରା ଓ ସଞ୍ଜୟ ବେହେରା ନବୀନ ନିବାସରେ ପହଞ୍ଚିଥିଲେ। କଟକ-ବାରବାଟୀ ଆସନରୁ ସଞ୍ଜୟ ଦାବିଦାର ଥିଲେ ବୋଲି କୁହାଯାଉଛି। ଦଳ ଏଠାରେ ପ୍ରକାଶ ବେହେରାଙ୍କୁ ପ୍ରାର୍ଥୀ କରିଛି। ସମସ୍ତେ ଏକ ହୋଇ କଟକରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ନେଇ ଆଲୋଚନା ହୋଇଛି ବୋଲି ଜଣାପଡ଼ିଛି। ନବୀନ ନିବାସରୁ ବାହାରି କର୍ପୋରେଟର ବିକାଶ ବେହେରା କହିଛନ୍ତି, ଆମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଲୁ। କଟକ ଲୋକସଭା ପାଇଁ ସଂତୃପ୍ତ ମିଶ୍ର ଏବଂ ବାରବାଟୀ- କଟକରେ ପ୍ରକାଶ ବେହେରାଙ୍କ ପରି ଉଚିତ୍ ପ୍ରାର୍ଥୀ ଦେଇଛନ୍ତି। କିପରି ବିପୁଳ ଭୋଟରେ ଜିତାଇବୁ ସେନେଇ ଆଲୋଚନା ହୋଇଛି। ସମସ୍ତଙ୍କ ସହ ମିଶି ସଂଗଠନକୁ ଆହୁରି ମଜଭୁତ କରିବୁ। କାହା ସହ କିଛି ମତାନ୍ତର ନାହିଁ ବୋଲି ସୂଚନା ଦେଇଛନ୍ତି।

ଭଦ୍ରକ ସଂସଦୀୟ କ୍ଷେତ୍ର

ଆସିଲେ ଅନନ୍ତ : ଜମିବ ତ୍ରିମୁଖୀ ଲଢ଼େଇ

ଭଦ୍ରକ,୧୪।୪(ସପ୍ର): ଭଦ୍ରକ ସଂସଦୀୟ କ୍ଷେତ୍ରରେ କଂଗ୍ରେସର ପ୍ରାର୍ଥିତ୍ୱକୁ ନେଇ ଉତ୍କଣ୍ଠାର ଅବସାନ ଘଟିଛି। ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀଙ୍କୁ ପ୍ରାର୍ଥୀ ଘୋଷଣା କରିଛି ଦଳ। ଦୀର୍ଘ ରାଜନୈତିକ ଅଭିଜ୍ଞତା ରଖିଥିବା ଅନନ୍ତଙ୍କ ପ୍ରାର୍ଥିତ୍ୱ ଭଦ୍ରକ ସଂସଦୀୟ କ୍ଷେତ୍ରରେ ଲଢ଼େଇକୁ ତ୍ରିମୁଖୀ ଏବଂ ଜୋରଦାର କରିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। କଂଗ୍ରେସର ଜଣେ ଟାଣୁଆ ନେତା ଭାବେ ପରିଚିତ ଶ୍ରୀ ସେଠୀ ଲୋକସଭା, ବିଧାନସଭା ଓ ରାଜ୍ୟସଭାର ସଦସ୍ୟ ହୋଇ ସାରିଛନ୍ତି। ୧୯୮୪ରେ ପ୍ରଥମ ଥର ଲାଗି ଭଦ୍ରକ ସଂସଦୀୟ କ୍ଷେତ୍ରରୁ କଂଗ୍ରେସ ଟିକଟରେ ଲଢ଼ି ନିର୍ବାଚିତ ହୋଇଥିଲେ ଶ୍ରୀ ସେଠୀ। ପରେ ୧୯୯୬ରୁ ୨୦୦୨ଯାଏ ରାଜ୍ୟସଭା ସଦସ୍ୟ ରହିଥିଲେ। ୨୦୦୪ରୁ ୨୦୦୯ ଯାଏ ଶ୍ରୀ ସେଠୀ ଭଣ୍ଡାରିପୋଖରୀ ଆସନରୁ ବିଧାୟକ ହୋଇଥିଲେ। ତେବେ ୨୦୦୯ରେ ଶ୍ରୀ ସେଠୀ ପୁନଃ ଭଦ୍ରକ ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ଲଢ଼ି ଦ୍ୱିତୀୟ ସ୍ଥାନରେ ଥିଲେ। ତେବେ ୨୦୧୪ ବେଳକୁ ନିଜ ଦଳରୁ ଝଟକା ପାଇଥିଲେ ଅନନ୍ତ। ସଂସଦୀୟ କ୍ଷେତ୍ରର ସାଙ୍ଗଠନିକ ଦାୟିତ୍ୱ ବୁଝୁଥିବା ଅନନ୍ତଙ୍କୁ ୨୦୧୪ରେ ଦଳୀୟ ଟିକଟ ମିଳି ନ ଥିଲା। ତତ୍କାଳୀନ ପିସିସି ସଭାପତି ଜୟଦେବ ଜେନାଙ୍କ ପୁଅ ସଂଗ୍ରାମ(ପରଲୋକରେ) ଭଦ୍ରକ ଲୋକସଭା ପ୍ରାର୍ଥୀ ହୋଇଥିଲେ। ୨୦୧୯ରେ ଭଦ୍ରକ ସଂସଦୀୟ କ୍ଷେତ୍ରରେ କଂଗ୍ରେସ ଅନନ୍ତଙ୍କ ଝିଅ ମଧୁମିତାଙ୍କୁ ଦଳ ପ୍ରାର୍ଥୀ କରିଥିଲା। ତେବେ ଚଳିତ ନିର୍ବାଚନରେ ଦଳ ଅନନ୍ତଙ୍କ ପ୍ରାର୍ଥିତ୍ୱରେ ମୋହର ମାରିଛି।

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"

R-5204

ନବୀନ ଜୈନଙ୍କ ସମର୍ଥନରେ ପୂର୍ବତନ ପ୍ରାର୍ଥୀ ମହେନ୍ଦ୍ର, ଅଶୋକ

ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ

ଟିଟିଲାଗଡ଼, ୧୪।୪ (ନି.ପ୍ର): ଟିଟିଲାଗଡ଼ ବିଜେପିରେ ନୂଆ ମୋଡ ଦେଖିବାକୁ ମିଳିଛି। ନବାଗତ ନବୀନ ଜୈନଙ୍କୁ ଦଳ ଟିକଟ ଦେବା ପରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିବା ନେତାଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ତେଣୁ କିଛି ନେତା ତାଙ୍କଠାରୁ ସମଦୂରତା କରି ରଖିଥିବା ଜଣାପଡିଛି। ଅପରପକ୍ଷରେ ନବୀନ ନିଜ ରଣନୀତି ପୂର୍ବତନ ପ୍ରାର୍ଥୀ ମହେନ୍ଦ୍ର ଏବଂ ଅଶୋକଙ୍କୁ ନିଜ ଶିବିରକୁ ଆଣିବାରେ ସକ୍ଷମ ହୋଇଛନ୍ତି। ନବୀନ ପୂର୍ବରୁ ସାଂସଦ ସଂଗୀତାଙ୍କୁ ବିରୋଧ କରି ଚର୍ଚ୍ଚାରେ ଥିବାବେଳେ ତାଙ୍କ ବିରୋଧି ବଳରାମ ସିଂ ଯାଦବ, ଅନନ୍ତ ଦାଶ, ଅଶୋକ ଦୋରା, ରାଜୁ ନାୟକଙ୍କ ସହ ଘନିଷ୍ଠତା ଚର୍ଚ୍ଚାର ବିଷୟ ହୋଇଆସିଛି ।

୨୦୧୪ରେ ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଟିକଟ ପାଇଥିବା ମହେନ୍ଦ୍ର ଠାକୁର, ସେ ସମୟରୁ ଟିକଟ ଆଶାୟୀ ଦଳର ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ ପ୍ରମୁଖ ନବୀନଙ୍କଠାରୁ ଦୂରେଇ ରହିବା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟତମ ଦଳର ବରିଷ୍ଠ ନେତା ତଥା ଟିଟିଲାଗଡ଼ ନଗର ସଭାପତି ପ୍ରଶାନ୍ତ ଷଡଙ୍ଗୀ ମଧ୍ୟ ନବୀନଙ୍କ ଶିବିର ମାଡୁ ନଥିବା ଜଣାପଡ଼ିଛି । ଇତିମଧ୍ୟରେ ମହେନ୍ଦ୍ର କିଛି ସ୍ଥାନରେ ନବୀନ ଓ ପତ୍ନୀ ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନଙ୍କ ସହ ସଭା ସମିତିରେ ସାମିଲ ହେବା ଫଟୋ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଛି । ମହେନ୍ଦ୍ର ୨୦୧୪ରେ ବିଜେପି ବିଧାୟକ ପ୍ରାର୍ଥୀ ହୋଇଥିବା ବେଳେ

ପରାଜିତ ହେବା ସତ୍ତ୍ୱେ ଦଳର ସଂଗଠନ ପାଇଁ କାର୍ଯ୍ୟ କରିଆସିଥିଲେ । ୨୦୧୯ ନିର୍ବାଚନରେ ଦଳ ତାଙ୍କୁ ଅଣଦେଖା କରି ଅଶୋକ ଦୋରାଙ୍କୁ ପ୍ରାର୍ଥୀ କରିଥିଲା । ନିର୍ବାଚନ ପରେ ଗୁଡ଼ଭେଲାରେ ମହେନ୍ଦ୍ର ଓ ଅଶୋକଙ୍କ ତୁତୁ ମେଁମେଁ ଚର୍ଚ୍ଚାର ବିଷୟ ହୋଇଥିଲା। ୨୦୨୪ରେ ଟିକଟ ଆଶାୟୀ ମହେନ୍ଦ୍ର ଉପେକ୍ଷିତ ହୋଇଛନ୍ତି। ତେବେ ବିଧାୟକ ପ୍ରାର୍ଥୀ ନବୀନଙ୍କ ବିଜୟ ପାଇଁ ଉଭୟ ଅଶୋକ ଓ ମହେନ୍ଦ୍ର ଏକାଠି ହୋଇଛନ୍ତି। ଅଶୋକ ଗୁଡଭେଲା ବ୍ଲକରେ ନବୀନଙ୍କ ପ୍ରଚାର ଜୋରଦାର କରିଥିବା ବେଳେ ମହେନ୍ଦ୍ର ସଇଁନ୍ତଲା ବ୍ଲକରେ ବିଜେପିର ପ୍ରଚାରର ମଙ୍ଗ ଧରିଛନ୍ତି ।

ଅନ୍ୟପକ୍ଷରେ ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଦଳ ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରିଆସିଥିବା ମୁକେଶ ଓ ତାଙ୍କ ସମର୍ଥକ ଏଥର ମଧ୍ୟ ଟିକଟ ନପାଇ ନିରାଶ ହୋଇଛନ୍ତି । ବିଜେପି ଟିକଟ ଘୋଷଣା ପରଠାରୁ ମୁକେଶ ଅଜ୍ଞାତବାସରେ ରହିବା ବିଜେପିରେ ସବୁ ଭଲ

ଅଜ୍ଞାତବାସରେ ମୁକେଶ, ପ୍ରଶାନ୍ତ

ନାହିଁ ତାହା ବାରି ହୋଇଛି । ସେହିପରି ବିଜେପି ନଗର ସଭାପତି ପ୍ରଶାନ୍ତ ଓ ତାଙ୍କ ସମର୍ଥକ ମଧ୍ୟ ନିରବ । ଉଭୟ ମୁକେଶ ଓ ପ୍ରଶାନ୍ତଙ୍କ ଆଗାମୀ ଦିନରେ କି ରଣନୀତି ରହିଛି ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଦଳର ଅନ୍ୟତମ ନେତା କାଉନସିଲର ବୁଦ୍ଧିଆ ଆଚାର୍ଯ୍ୟ, ରାଜ୍ୟ ଯୁବ ମୋର୍ଚ୍ଚା ସଂଯୋଜକ ନରସିଂ ସିଂ, ପବିତ୍ର ସାହୁ, ବିପିନ ଠାକୁର ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଆଭିମୁଖ୍ୟ ପ୍ରକାଶ କରିନାହାନ୍ତି । ଏଭଳି ଭାବେ ଟିଟିଲାଗଡ଼ ଆସନରେ ବିଜେପିର ଗଣିତ ଜଟିଳ ହୋଇପଡିଛି।

SALE NOTICE UNDER IBC, 2016
M/S SABITRI INDUSTRIES PRIVATE LIMITED (in Liquidation)
Location of the property : At: Olara, Badachana, District: Jajpur (Odisha)
Liquidator's Address -2nd Floor, Kolkata Bazar Building, Nayapada, Sambalpur, Odisha-768001

The following Assets & Properties of M/s Sabitri industries Pvt. Ltd. (in Liquidation) having CIN U63020OR2009PTC011303 forming a part of liquidation estate is for sale by the liquidator through e-auction on **"AS IS WHERE IS," "AS IS WHAT IS"** and **"WHATEVER THERE IS BASIS" AND NO RE COURSE BASIS"** as per details mentioned below:

Lot No.	Asset Description	Reserved price (In Rs.)	EMD Amount (In Rs.)	E Auction timing on 23rd May,2024
Lot	**Land & Building** Land comprising 9.97 acres freehold land and 11.14 acres of lease hold land along with all civil construction including milling shed, paddy godowns shed, husk shed, power plant room, ETP tank, water storage tank, RCC chimney etc.	11,00,00,000	1,10,00,000	12.30 p.m. to 1.30 p.m.
	Last date for submission of Eligibility Documents		30.04.2024	
	Date of intimation of Qualified Bidders		03.05.2024	
	Last date for Inspection		18.05.2024	
	Last date for EMD		20.05.2024	
	E- Auction Date		23.05.2024	

TERMS AND CONDITIONS OF THE E-AUCTION ARE AS UNDER:

1. E-auction will be conducted on "AS IS WHERE IS ", "AS IS WHAT IS" and "WHAT EVER THERE IS BASIS" AND NO RE COURSE BASIS" through approved service provider M/S- e procurement Technological Limited (Auction Tiger)

2. The Complete e-auction process document containing details of the Assets, Online e-auction Bid Form, Declaration and undertaking form, General Terms and conditions of the online auction sale are available on website http://ncltauction.auctiontiger.net Contact No: 919722778828 E mail: praveen.thevar@auctiontiger.net & nclt@auctiontiger.net. The prospective bidder can also obtain it from the liquidator. contact No: 9437052510 E mail: -sambhuandassociates@gmail.com/liqsabitri@gmail.com

3. The liquidator/SCC has the right to accept or cancel or extend or modify, etc. any terms and conditions of E-auction of any time.

CA SAMBHU LAL AGARWAL
Liquidator of Sabitri Industries Private Limited
IBBI Reg. No: IBBI/IPA-IP-P00387/2017-18/10698
2nd Floor, Kolkata Bazar Building, Nayapara,
Golbazar, Sambalpur, Odisha-768001
Email – sambhuandassociates@gmail.com/liqsabitri@gmail.com

Date: 15/04/2024